# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**19 January – 2026**

********************************

## ମୁଖ୍ୟ ସମ୍ବାଦ

- ଦେଶବ୍ୟାପୀ ଆଜି ପାଳନ କରାଯାଉଛି ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀ

– ବରଗଡ ବିଜେପୁର ରାସ୍ତାକୁ ପାର୍ବତୀ ଗିରି ମାର୍ଗ ନାମରେ ନାମକରଣ

- ଆୟୁଷ୍ମାନ ଭାରତ ଯୋଜନା ସମ୍ପର୍କିତ ସମସ୍ୟା ଆସନ୍ତା ୩ ଦିନ ମଧ୍ୟରେ ହେବ ସମାଧାନ; କହିଲେ ସ୍ୱାସ୍ଥ୍ୟମନ୍ତ୍ରୀ

- ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦ ନିର୍ବାଚନ ନିମନ୍ତେ ନୂଆଦିଲ୍ଲୀରେ ଜାରି ରହିଛି ନାମାଙ୍କନ ପ୍ରକ୍ରିୟା

- ବିପର୍ଯ୍ୟୟ ସମୟରେ ଏନ୍‌ଡିଆରଏଫ୍ କର୍ମଚାରୀଙ୍କ ଦକ୍ଷତା ଏବଂ କର୍ତ୍ତବ୍ୟବୋଧ ସେବାର ସର୍ବୋଚ୍ଚ ମାନଦଣ୍ଡର ଉଦହାରଣ; କହିଲେ ପ୍ରଧାନମନ୍ତ୍ରୀ

ଏବଂ

- ଭୁବନେଶ୍ୱରରେ ଆସନ୍ତା ୨୧ ତାରିଖରୁ ଆରମ୍ଭ ହେବ କୃଷି ମହାକୁମ୍ଭ

Desk

# ପାର୍ବତୀ ଗିରି ଜୟନ୍ତୀ

ବିଶିଷ୍ଟ ସମାଜସେବୀ ଏବଂ ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀ ଆଜି ଦେଶବ୍ୟାପୀ ପାଳନ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାର୍ବତୀ ଗିରିଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ଔପନିବେଶକ ଶାସନର ଅନ୍ତ ଘଟାଇବା ଲାଗି ଶ୍ରୀମତୀ ଗିରି ସ୍ୱାଧୀନତା ସଂଗ୍ରାମରେ ପ୍ରଶଂସନୀୟ ଭୂମିକା ଗ୍ରହଣ କରିଥିଲେ। ଜନସେବା ପ୍ରତି ତାଙ୍କର ଆଗ୍ରହ ଏବଂ ସ୍ୱାସ୍ଥ୍ୟସେବା, ମହିଳା ସଶକ୍ତୀକରଣ ଓ ସଂସ୍କୃତି କ୍ଷେତ୍ରରେ ତାଙ୍କର କାର୍ଯ୍ୟ ଉଲ୍ଲେଖନୀୟ ଥିଲା ବୋଲି ଶ୍ରୀ ମୋଦୀ କହିଛନ୍ତି।

**- V/O -PM**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ସ୍ମୃତିଚାରଣ କରିବା ସହିତ ବିନମ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି କହିଛନ୍ତି, ଓଡ଼ିଶାର ବହ୍ନିକନ୍ୟା, ସେବା ଓ ତ୍ୟାଗର ଅନନ୍ୟ ପ୍ରତୀକ  ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ନାରୀ ସଶକ୍ତୀକରଣ କ୍ଷେତ୍ରରେ ଅବଦାନ ଚିରସ୍ମରଣୀୟ। ଜନସେବା ପ୍ରତି ତାଙ୍କର ନିଷ୍ଠା ଓ ଆଦର୍ଶ ଚିରକାଳ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ଭାରତୀୟ ସଂସ୍କୃତିରେ ମହାନ ପୂଜ୍ୟପୂଜା ପରମ୍ପରାକୁ ଅଧିକ ସମୃଦ୍ଧ କରିବା ସହ ଦେଶର ସ୍ୱାଧୀନତା ସଂଗ୍ରାମୀମାନଙ୍କ

ବଳିଦାନକୁ ରାଷ୍ଟ୍ରୀୟ ପରିଚୟ ପ୍ରଦାନ କରିବାରେ ପ୍ରଧାନମନ୍ତ୍ରୀଙ୍କ ପ୍ରୟାସ ଅତ୍ୟନ୍ତ ପ୍ରଶଂସନୀୟ। ତାଙ୍କର ଏହି ନିଷ୍ଠା ଆମ ଇତିହାସର ସେହି ଅନାଲୋଚିତ ବୀରଗାଥା ଗୁଡ଼ିକୁ ଆଜି ଯଥାର୍ଥ ସମ୍ମାନ ପ୍ରଦାନ କରୁଛି ବୋଲି ଶ୍ରୀ ମାଝୀ କହିଛନ୍ତି।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି କହିଛନ୍ତି, ଓଡ଼ିଶାର ଗୌରବ, ସେବା ଓ ତ୍ୟାଗର ମୂର୍ତ୍ତିମନ୍ତର ପ୍ରତୀକ ସ୍ୱର୍ଗତଃ ଗିରିଙ୍କ ଆଦର୍ଶ ଚିରକାଳ ଅମର ହୋଇ ରହିବ।

Baragarh

## ପାର୍ବତୀ ଗିରି– ବରଗଡ଼

ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରି ସେବା, ସମର୍ପଣ ଓ ସଂଗ୍ରାମର ପ୍ରତୀକ ଥିଲେ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି।

ସ୍ୱର୍ଗତଃ ପାର୍ବତୀ ଗିରିଙ୍କ ଜନ୍ମସ୍ଥାନ ବରଗଡ଼ ଜିଲ୍ଲାରେ ତାଙ୍କ ଜନ୍ମଶତବାର୍ଷିକୀ ଉତ୍ସବ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ସୁରଜ ଜିଲ୍ଲା ଘରୋଇ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ପାର୍ବତୀ ଗିରିଙ୍କ ଏକ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ଅବସରରେ ବରଗଡ଼ରୁ ବିଜେପୁର ରାସ୍ତାକୁ ପାର୍ବତୀ ଗିରି ମାର୍ଗ ନାମରେ ନାମିତ କରାଯାଇଛି।

# ଆୟୁଷ୍ମାନ ଭାରତ ଯୋଜନା

ଭାରତର ପ୍ରତ୍ୟେକ ନାଗରିକଙ୍କୁ ଆର୍ଥିକ ସୁରକ୍ଷା ଏବଂ ପ୍ରତିରୋଧକମୂଳକ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ସରକାର ଚେଷ୍ଟା ଜାରି ରଖିଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ କହିଛନ୍ତି। ଭୁବନେଶ୍ୱରଠାରେ ଆୟୋଜିତ ଆୟୁଷ୍ମାନ ଭାରତ ଜନଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ଭାରତ ଡିଜିଟାଲ ମିଶନର ଦୁଇଦିନିଆ ଚିନ୍ତନ ଶିବିରରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି, ବିକଶିତ ଭାରତର ଲକ୍ଷ୍ୟ ପୂରଣ ପାଇଁ ସରକାର ଜିଡିପି'ର ୨ ଦଶମିକ ୬ ପ୍ରତିଶତ ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟୟ କରୁଛନ୍ତି। ଆୟୁଷ୍ମାନ ଭାରତ ଯୋଜନାରେ ୪୨ ପ୍ରତିଶତ ଲୋକ ଅନ୍ତର୍ଭୁକ୍ତ ଅଛନ୍ତି। 'ସୁସ୍ଥ ଓଡ଼ିଶା ଓ ବିକଶିତ ଓଡ଼ିଶା'ର ବାର୍ତ୍ତା ନେଇ ଓଡ଼ିଶା ସରକାର କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ମହାଲିଙ୍ଗ କହିଛନ୍ତି।

**- V/O -**

ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ ପୋର୍ଟାଲର ତଥ୍ୟ ଅନୁସାରେ ରାଜ୍ୟ' ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା କାର୍ଡ ବଣ୍ଟନ କରିବାରେ ପ୍ରଥମ ସ୍ଥାନ ଅଧିକାର କରିଛି। ଆୟୁଷ୍ମାନ ଓ ଗୋପବନ୍ଧୁ ଆରୋଗ୍ୟ ଯୋଜନାରେ ଓଡ଼ିଶାର ସାଢ଼େ ୩ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ସାମିଲ କରାଯାଇଛି। ପ୍ରତ୍ୟେକ ପରିବାରକୁ  ୫ ଲକ୍ଷ ପର୍ଯ୍ୟନ୍ତ ନଗଦ

ବିହୀନ ଚିକିତ୍ସା ସୁବିଧା ସହ ମହିଳାଙ୍କ କ୍ଷେତ୍ରରେ ଅଧିକ ୫ ଲକ୍ଷର ପ୍ରଦାନ କରାଯାଉଛି।

ଯେଉଁ ଯୋଗ୍ୟ ହିତାଧିକାରୀମାନେ କାର୍ଡ କରିନାହାଁନ୍ତି, ସେମାନେ ଆବେଦନ କରିପାରିବେ। ଆୟୁଷ୍ମାନ ଭାରତ ଯୋଜନା ସମ୍ପର୍କିତ ସମସ୍ୟା ଆସନ୍ତା ୩ ଦିନ ମଧ୍ୟରେ ସମାଧାନ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଡିଜିଟାଲ ମାଧ୍ୟମରେ ଆବେଦନର ସ୍ଥିତି ଓ ତଥ୍ୟ ଜାଣିପାରିବେ। ଆଗାମୀ ଦିନରେ ଆୟୁଷ୍ମାନ ଭାରତର ସମସ୍ତ ତଥ୍ୟ ଓଡ଼ିଆରେ ଉପଲବ୍ଧ ହେବ। ଯାହାଫଳରେ ସାଧାରଣ ଲୋକଙ୍କୁ ଯୋଜନାର ଲାଭ ଉଠାଇବା ଅଧିକ ସହଜ ହୋଇପାରିବ। ଏହି ଯୋଜନାର ସୁବିଧା ପାଇଁ ତିନୋଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ପଦକ୍ଷେପ ଦ୍ୱାରା ରାଜ୍ୟରେ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼, ସହଜ କରାଯାଇପାରିବ ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଆଶାବ୍ୟକ୍ତ କରିଛନ୍ତି।

ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁନୀଲ କୁମାର ବଡ଼ୱାଲ ଶିବିରର ଉଦ୍ଦେଶ୍ୟ ବିଷୟରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଭାରତର ୨୮ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ୧୧୯ ଜଣ ବିଶେଷଜ୍ଞ ପ୍ରତିନିଧିମାନେ ଏଥିରେ ଯୋଗ ଦେଇଛନ୍ତି।

English Pool

# ବି.ଜେ.ପି. - ଇଲେକ୍ସନ୍

ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦ ନିର୍ବାଚନ ନିମନ୍ତେ ଆଜି ଅପରାହ୍ନରେ ମନୋନୟନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି । ଦଳର ଜାତୀୟ ରିଟର୍ଣ୍ଣିଂ ଅଧିକାରୀ କେ. ଲକ୍ଷ୍ମଣ ଜାରି କରିଥିବା କାର୍ଯ୍ୟସୂଚୀ ଅନୁଯାୟୀ ଅପରାହ୍ଣ ୨ଟାରୁ ୪ଟା ମଧ୍ୟରେ ପ୍ରାର୍ଥିପତ୍ର ଦାଖଲ ପାଇଁ ସମୟସୀମା ଧାର୍ଯ୍ୟ କରାଯାଇଛି । ଅପରାହ୍ଣ ୪ଟାରୁ ୫ଟା ମଧ୍ୟରେ ପ୍ରାର୍ଥିପତ୍ରଗୁଡ଼ିକର ଯାଞ୍ଚ କରାଯିବ । ସନ୍ଧ୍ୟା ୬ଟା ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯାଇ ପାରିବ । ପ୍ରାର୍ଥୀପତ୍ର ଦାଖଲ ହେବା ପ୍ରକ୍ରିୟା ଶେଷ ହେବା ପରେ ଆବଶ୍ୟକ ହେଲେ ଆସନ୍ତାକାଲି  ଭୋଟ୍ ଗ୍ରହଣ ହେବା ସହ ଗଣତି ହୋଇ ଫଳାଫଳ ଘୋଷଣା କରାଯିବ । ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ଏବେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଦାୟିତ୍ୱ ନିର୍ବାହ କରୁଛନ୍ତି ।

Desk

# ପିଏମ୍-ରାଇଜିଂ ଡେ

ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କ ଜୀବନ ରକ୍ଷା ପାଇଁ ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ–ଏନ୍.ଡି.ଆର୍.ଏଫ୍' କର୍ମଚାରୀଙ୍କ ଅଟଳ ନିଷ୍ଠା, ସାହସ ଏବଂ ପ୍ରତିବଦ୍ଧତାକୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ଆଜି ପାଳନ କରାଯାଉଛି ୨୧ତମ ଏନ୍.ଡି.ଆର୍.ଏଫ୍ ସ୍ଥାପନ ଦିବସ। ଚଳିତ ବର୍ଷ

ଏହି ଦିବସର ବାର୍ତ୍ତା ରହିଛି 'ଏକ ସ୍ଥିର ଭାରତ ପାଇଁ ଶକ୍ତି, ସେବା ଏବଂ ପ୍ରସ୍ତୁତି'। ପ୍ରାକୃତିକ ଓ ମାନବକୃତ ବିପର୍ଯ୍ୟୟର ତ୍ୱରିତ ଏବଂ ପ୍ରଭାବଶାଳୀ ପ୍ରତିକ୍ରିୟା ଦେବା ଉଦ୍ଦେଶ୍ୟରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ ଗଠନ କରାଯାଇଥିଲା। ୨୦୦୬ ମସିହା ଜାନୁଆରୀ ୧୯ ତାରିଖରେ ଗଠନ କରାଯାଇଥିବା ଏହି ବାହିନୀ ବିଭିନ୍ନ ବିପର୍ଯ୍ୟୟ ପରିସ୍ଥିତିକୁ ସଠିକ୍ ଭାବେ ମୁକାବିଲା କରି ଆସୁଛି। ବିପର୍ଯ୍ୟୟ ପରିଚାଳନା ପ୍ରତି ଜନସାଧାରଣଙ୍କ ବିଶ୍ୱାସ ବୃଦ୍ଧି କରିବା ଓ ସମସ୍ତଙ୍କ ସୁରକ୍ଷାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟ ପାଇଁ ଆଜି ଏହି ଦିବସ ପାଳନ କରାଯାଉଛି।

ପ୍ରଥମେ ୮ଟି ବାଟାଲିୟନକୁ ନେଇ ଗଠନ କରାଯାଇଥିବା ଏହି ବାହିନୀ ବର୍ତ୍ତମାନ ୧୬ରେ ପହଁଞ୍ଚିଛି। ଏଥିରେ ବି.ଏସ୍.ଏଫ, ସି.ଆର୍.ପି.ଏଫ୍. ଏବଂ ଅନ୍ୟ ଅର୍ଦ୍ଧସାମରିକ ବଳର ଯବାନମାନେ କାର୍ଯ୍ୟରତ ଅଛନ୍ତି। ଏହି ଯବାନମାନେ ବିଭିନ୍ନ ପ୍ରାକୃିକ ବିପର୍ଯ୍ୟୟ ସମ୍ପର୍କରେ ପ୍ରଶିକ୍ଷଣ ନେବା ସହ କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଛନ୍ତି।

ପ୍ରତିଷ୍ଠା ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜଣାଇ କହିଛନ୍ତି, ଦେଶ ସେହି ପୁରୁଷ ଏବଂ ମହିଳାଙ୍କ ପ୍ରତି ଗଭୀର କୃତଜ୍ଞତା ପ୍ରକାଶ କରୁଛି, ଯେଉଁମାନଙ୍କ ବୃତ୍ତିଗତ ଏବଂ କାର୍ଯ୍ୟପ୍ରତି ନିଷ୍ଠା' ସଙ୍କଟ ସମୟରେ ଦୃଢ଼ ରହିଥାଏ। ବିପର୍ଯ୍ୟୟ ସମୟରେ **NDRF**

କର୍ମଚାରୀମାନେ ଜୀବନ ସୁରକ୍ଷା, ରିଲିଫ୍ ପ୍ରଦାନ ଏବଂ ସବୁଠାରୁ ଆହ୍ୱାନମୂଳକ ପରିସ୍ଥିତିରେ କାର୍ଯ୍ୟ କରିଥାନ୍ତି । **NDRF** କର୍ମଚାରୀଙ୍କ ଦକ୍ଷତା ଏବଂ କର୍ତ୍ତବ୍ୟବୋଧ ସେବାର ସର୍ବୋଚ୍ଚ ମାନଦଣ୍ଡର ଉଦାହରଣ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏହି ଦିବସର ଶୁଭେଚ୍ଛା ଜଣାଇ କହିଛନ୍ତି, **NDRF** ବିପର୍ଯ୍ୟୟ ସମୟରେ ଦେଶର  ବିଶ୍ୱାସର ସ୍ତମ୍ଭ ପାଲଟିଛି ।

BBSR/R

## ପ୍ରାଣୀ ସମାବେଶ

ଭୁବନେଶ୍ୱର ଓୟୁଏଟି'ର ଭେଟନାରୀ କଲେଜ ପ୍ରେକ୍ଷାଳୟରେ ରାଜ୍ୟସ୍ତରୀୟ ମତ୍ସ୍ୟ– ପ୍ରାଣୀ ସମାବେଶ-୨୦୨୬ ସମ୍ପର୍କିତ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ବୁଧବାରରୁ ୨୩ ତାରିଖ ପର୍ଯ୍ୟନ୍ତ ଜନତା ମଇଦାନଠାରେ କୃଷି ମହାକୁମ୍ଭ ଅନୁଷ୍ଠିତ ହେବା ନେଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି । ଚଳିତ ବର୍ଷର ବାର୍ତ୍ତା ରହିଛି 'ମତ୍ସ୍ୟ ପ୍ରାଣୀ ଏବେ ନୂତନ ଦିଶା, ବିକଶିତ ହେବ ଆମ ଓଡ଼ିଶା' । ସମ୍ମିଳନୀରେ ୨୦୮ଟି ଷ୍ଟଲରେ ମତ୍ସ୍ୟ ଓ ପ୍ରାଣୀ ପାଳନ, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଓ ବେସରକାରୀ ଅନୁଷ୍ଠାନର ବିକାଶମୂଳକ କାର୍ଯ୍ୟକ୍ରମର ପ୍ରଦର୍ଶନୀ କରାଯିବ ।

Desk

## ଡଲଫିନ୍ ଗଣନା

ଚିଲିକାରେ ଆସନ୍ତାକାଲିଠାରୁ ତିନିଦିନ ପର୍ଯ୍ୟନ୍ତ ଡଲଫିନ୍ ଗଣନା କରାଯିବ। ଗଣନା ପାଇଁ ୧୮ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏଥିରେ ଜଣେ ବିଶେଷଜ୍ଞଙ୍କ ସହିତ ୩ରୁ ୫ ଜଣ ଗଣନାକାରୀ ରହିବେ। ଚିଲିକା ସଂଲଗ୍ନ ବାଲୁଗାଁ ଓ ସାତପଡ଼ାରେ ଡଲଫିନ୍ ଗଣନା କରାଯିବ। ଏଥିପାଇଁ ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଡଙ୍ଗା ଚଳାଚଳକୁ ନିଷେଧ କରାଯାଇଛି।

Desk

## ମା' ମଝିଘରିଆଣୀ

ରାୟଗଡ଼ା ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ମନ୍ଦିରରେ ଦାନହୁଣ୍ଡି ଆଜି ଖୋଲାଯାଇଛି। ୬ ମାସର ବ୍ୟବଧାନ ପରେ କଡ଼ା ସୁରକ୍ଷା ମଧ୍ୟରେ ଦାନହୁଣ୍ଡିର ଟଙ୍କା ଓ ସୁନା ଗଣତି କରାଯାଉଛି। ଏଥିପାଇଁ ୨୫୦ ଜଣଙ୍କୁ ନିୟୋଜିତ କରାଯାଇଛି। ପୂର୍ବରୁ ଜୁଲାଇ ମାସରେ ମା'ଙ୍କ ଦାନହୁଣ୍ଡି ଖୋଲାଯାଇଥିଲା। ହୁଣ୍ଡିରୁ ୧ କୋଟି ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବାହାରି ଥିଲା।

HS

## ମଧୁସୂଦନ ରାଓ ଜୟନ୍ତୀ

ଓଡ଼ିଆ ଭାଷାର ସୁରକ୍ଷା ଓ ସମୃଦ୍ଧିର ଅନ୍ୟତମ କର୍ଣ୍ଣଧାରା ଭକ୍ତକବି ମଧୁସୂଦନ ରାଓଙ୍କ ଜୟନ୍ତୀ ଆଜି ସମଗ୍ର ରାଜ୍ୟରେ ପାଳନ କରାଯାଉଛି। ଭକ୍ତ କବି ଓଡ଼ିଆ ଅକ୍ଷର ସହିତ ରାଜ୍ୟବାସୀଙ୍କୁ ପରିଚିତ କରାଇଥିବା ବର୍ଣ୍ଣବୋଧର ସ୍ରଷ୍ଟା। ଓଡ଼ିଆ ଶିକ୍ଷା ଓ ସାହିତ୍ୟ ଜଗତକୁ ଭକ୍ତିକବି ମଧୁସୂଦନ ରାଓଙ୍କ ଅତୁଳନୀୟ ଅବଦାନ ରାଜ୍ୟବାସୀଙ୍କ ପାଇଁ ସଦାସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

BHK

## ପଦଯାତ୍ରା

ଭଦ୍ରକସ୍ଥିତ ନୂଆବଜାର ଗାନ୍ଧୀ ପଡ଼ିଆରେ ସ୍ୱଦେଶୀ ସଂକଳ୍ପ ପଦଯାତ୍ରାକୁ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଶୁଭାରମ୍ଭ କରିଛନ୍ତି। ଏହି ପଦଯାତ୍ରା ସ୍ୱଦେଶୀ ବସ୍ତୁକୁ ଗ୍ରହଣ କରି ନିଜକୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ନଗର ପରିକ୍ରମା କରିଥିଲା।